## ସଂକ୍ଷେପରେ

### ଦୁର୍ଘଟଣାଗ୍ରସ୍ତ ଯୁବକ ମୃତ, ଉତ୍ତେଜନା

କାମାକ୍ଷାନଗର,୧୩।୧୦ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା କଣ୍ଟାବଣିଆ ବଜାରରେ ଗତ ବୁଧବାର ଏକ ଟ୍ରକ୍ ଧକ୍କାରେ ଗୁରୁତର ହୋଇଥିବା ମୋଟଙ୍ଗା ଥାନା କୁରୁଣ୍ଟି ଗ୍ରାମର ନିତ୍ୟାନନ୍ଦ ନାଏକଙ୍କ ବଡପୁଅ ଅଖିଳ ନାଏକଙ୍କ ଚିକିତ୍ସାଧୀନ ଅବସ୍ଥାରେ କଟକରେ ମୃତ୍ୟୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ହୋଇ ସେଠାରୁ ଆସିବା ପରେ କ୍ଷତିପୂରଣ ଦାବିରେ ପରିବାର ଲୋକେ ଓ କୁରୁଣ୍ଟି ଗ୍ରାମବାସୀ ୫୫ ନମ୍ବର ଜାତୀୟ ରାଜପଥର କଣ୍ଟାବଣିଆ ଛକଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ। କଣ୍ଟାବଣିଆ ପୋଲିସ ଧାରଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରଖିଛି।

# ସମସ୍ତଙ୍କ ନିକଟରେ ପହଞ୍ଚାଅ ବୀମା ସେବା

## ବିଶ୍ୱ ଡାକ ଦିବସ ଉଦ୍‌ଯାପିତ

ଢେଙ୍କାନାଳ,୧୩।୧୦(ରତନ ନାୟାର)


ଜାତୀୟ ଡାକ ସପ୍ତାହ ପାଳନର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଡାକ ବିଭାଗ କର୍ମଚାରୀମାନେ।

ଢେଙ୍କାନାଳ ଡାକମଣ୍ଡଳ ତରଫରୁ ଗତ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଜାତୀୟ ଡାକ ସପ୍ତାହ ପାଳିତ ହୋଇଯାଇଛି। ଡାକ୍‌ମଣ୍ଡଳ ପକ୍ଷରୁ ୯ ତାରିଖରେ ବିଶ୍ୱ ଡାକ ଦିବସ, ୧୦ ତାରିଖରେ ବିତ୍ତୀୟ ସଶକ୍ତୀକରଣ ଦିବସ, ୧୧ ତାରିଖରେ ଫିଲାଟେଲି ଦିବସ, ୧୨ରେ ମେଲ୍ ଏବଂ ପାର୍ସଲ ଦିବସ ଏବଂ ୧୩ ତାରିଖରେ ଅନ୍ତ୍ୟୋଦୟ ଦିବସ ପାଳନ କରାଯାଇଥିଲା। ଅନ୍ତ୍ୟୋଦୟ ଦିବସ ଉପଲକ୍ଷେ ଢେଙ୍କାନାଳ ପ୍ରଧାନ ଡାକଘର ପରିସରରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ଢେଙ୍କାନାଳ ଡାକ ମଣ୍ଡଳର ଡାକ ଅଧୀକ୍ଷକ ଜଗଦୀଶ ଦାଶ କର୍ମଚାରୀମାନଙ୍କୁ ପ୍ରତ୍ୟେକ ନିଜ ନିଜ ନାମରେ ଗୋଟିଏ ଲେଖାଏ ବୀମା କରିବା ସହିତ ଏହି ସେବାକୁ କିପରି ସମସ୍ତଙ୍କ ପାଖରେ ପହଞ୍ଚାଯାଇ ପାରିବ ସେ ବିଷୟରେ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ୧୦ ଲକ୍ଷ ଟଙ୍କା ଦୁର୍ଘଟଣା ବୀମା କେବଳ ବାର୍ଷିକ ୩୯୬ ବା ୩୯୯ ଟଙ୍କା ଦେଇ ଯେ କୌଣସି ନାଗରିକ କରିପାରିବେ। ଏଥିସହ ମେଡିକାଲ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଭରଣା ସୁବିଧା ମଧ୍ୟ ଉପଲବ୍ଧ। ଏହି କର୍ମଶାଳାରେ ଢେଙ୍କାନାଳ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ମ୍ୟାନେଜର ପ୍ରଶାନ୍ତ କୁମାର ପଣ୍ଡା, ଡାକପାଳ ସୁରେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଢେଙ୍କାନାଳ ପ୍ରଧାନ ଡାକଘର ଏବଂ ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମରୁ ମାଟି ସଂଗ୍ରହ

ଢେଙ୍କାନାଳ,୧୩।୧୦(ରତନ ନାୟାର)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ମହୋତ୍ସବର ଅନ୍ତିମ ପର୍ଯ୍ୟାୟରେ ମୋ ମାଟି ମୋ ଦେଶ ଅଭିଯାନ ସେପ୍ଟେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ ଅମୃତ କଳସ ଯାତ୍ରାର ଆୟୋଜନ କରାଯାଇ ଦେଶର ପ୍ରତ୍ୟେକ କୋଣ ଅନୁକୋଣରୁ ବୀର ଓ ବୀରଙ୍ଗନାମାନଙ୍କୁ ସମ୍ମାନ ଦେବା ପାଇଁ ମାଟି ସଂଗ୍ରହ କରାଯାଇଛି। ଏହି କଳସ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟରେ ଡାକ ବିଭାଗକୁ ସାମିଲ କରାଯାଇଛି। ଢେଙ୍କାନାଳ ଡାକମଣ୍ଡଳ ପକ୍ଷରୁ ଜିଲାର ଜିନେଇଲ, କନ୍ତିମିଲି, କଲଣ୍ଡା, ଚିରୁଳେଇ, ଯୋରନ୍ଦା, କରମୂଳ, ବାରିହାପୁର, ଚାନ୍ଦପୁର ଓ ଢେଙ୍କାନାଳ ପୌରାଞ୍ଚଳର ୱାର୍ଡ ନଂ-୭ ଆଦି ସ୍ଥାନକୁ ନେଇ ପ୍ରାୟ ୧୦୦ରୁ ଅଧିକ ଗ୍ରାମରୁ ପବିତ୍ର ମାଟି ସଂଗ୍ରହ ହୋଇଛି। ମାଟି ସଂଗୃହୀତ କଳସଗୁଡ଼ିକୁ ନିର୍ଦ୍ଧାରିତ ଶାଖା ଡାକଘର ମାଧ୍ୟମରେ ଢେଙ୍କାନାଳସ୍ଥିତ ମଣ୍ଡଳ କାର୍ଯ୍ୟାଳୟକୁ ଅଣାଯିବ। ଏହି ସଂଗୃହୀତ ମାଟିକୁ ଡାକ ବିଭାଗର ଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ପଠାଯିବ। ସେଠାରେ ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀ ପାଖରେ ଥିବା ଅମୃତ ବାଟିକାରେ ଏହାକୁ ସ୍ଥାପନ କରାଯିବ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଗୁରୁବାର ଅପରାହ୍ଣରେ ଡାକମଣ୍ଡଳ ଅଧୀକ୍ଷକ ଜଗଦୀଶ ଦାଶ, ଉପ ଅଧୀକ୍ଷକ ନୀଳମଣି ଜାନି, ମୁଖ୍ୟ ଡାକପାଳ ସୁରେଶଚନ୍ଦ୍ର ସ୍ୱାଇଁ, ସହ ଡାକପାଳ ଅଶୋକ କୁମାର ନନ୍ଦ ଓ ନେହେରୁ ଯୁବକେନ୍ଦ୍ର ଉପନିର୍ଦ୍ଦେଶକ ଅଶୋକ କୁମାର ଦାଶଙ୍କ ସମେତ ଡାକ ପରିବାରର ଅନେକ ସଦସ୍ୟ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିଥିଲେ। ଜନ ସମ୍ପର୍କ ଅଧିକାରୀ ମଧୁସ୍ମିତା ମାଝି, ବିଜନେସ୍ ଏକଜିକ୍ୟୁଟିଭ ଜୟନ୍ତ କୁମାର ସାହୁ, ଅଫିସ ସହାୟକ କାଳନ୍ଦୀ ଚରଣ ସାହୁ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ନେତାଜୀଙ୍କ ପ୍ରତିମୂର୍ତ୍ତିରୁ ଆଖି ତାଡ଼ିନେଲେ ଦୁର୍ବୃତ୍ତ

ଢେଙ୍କାନାଳ,୧୩।୧୦(ରତନ ନାୟାର)

ଢେଙ୍କାନାଳ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି କିଛିଦିନ ହେବ ଅସୁରକ୍ଷିତ ହୋଇପଡ଼ିଛି। ଏପରି କି ସହରସ୍ଥିତ ଭାଗୀରଥି ସାଗର ନୂଆ ପୋଖରୀଠାରେ ଥିବା ନେତାଜୀ ଶିଶୁ ଉଦ୍ୟାନ ପରିସରରେ ନୂତନ ଭାବେ ପ୍ରତିଷ୍ଠିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରୁ କେହି ଦୁର୍ବୃତ୍ତ ଗୁରୁବାର ରାତିରେ ବାମ ଆଖି ତାଡ଼ି ନେଇଥିବା ଜଣାପଡ଼ିଛି। ଶୁକ୍ରବାର ସକାଳେ ଏହି ଘଟଣା ଜଣାପଡିବା ପରେ ସହର ମଧ୍ୟରେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା। କିଛିଦିନ ତଳେ ଉକ୍ତ ପ୍ରତିମୂର୍ତ୍ତିରୁ କେହି ଦୁର୍ବୃତ୍ତ ମୁଣ୍ଡ କାଟି ନେଇଥିବା ପରି ଘଟଣା ଘଟିଥିଲା। ପୌରସଂସ୍ଥା ପକ୍ଷରୁ ନେତାଜୀଙ୍କ ଏକ ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲେ ହେଁ ପୁଣି ଥରେ ସେହି ପ୍ରତିମୂର୍ତ୍ତିରୁ ବାମଆଖି ତାଡ଼ିନିଆଯିବା ଘଟଣା ସହର ମଧ୍ୟରେ ଆଲୋଚନାର ବିଷୟ ହୋଇଥିଲା। ଏ ସଂକ୍ରାନ୍ତରେ ପୌର ଯନ୍ତ୍ରୀ ରଶ୍ମିତା ମିଶ୍ର କହିଛନ୍ତି, କେହି ଦୁର୍ବୃତ୍ତ ଏଭଳି କାମ କରିଥିବା ସନ୍ଦେହ କରାଯାଉଛି। ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ। ପ୍ରତିମୂର୍ତ୍ତିର ଆଖି ମରାମତି କରାଯାଇଛି।


ନେତାଜୀଙ୍କ ପ୍ରତିମୂର୍ତ୍ତି।

# ଅଣ୍ଡାର ଉପକାରିତା ସମ୍ପର୍କରେ ଆଲୋଚନା



ଡଙ୍ଗାପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଅଣ୍ଡା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

କାମାକ୍ଷାନଗର,୧୩।୧୦ (ଅମଜାଦ ଖାନ)

କଙ୍କଡ଼ାହାଡ଼ ବ୍ଲକ ଡଙ୍ଗାପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଙ୍କଡ଼ାହାଡ଼ ସାମ୍ବାଦିକ ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ରାଜକିଶୋର ସାହୁ ଏବଂ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅତିଥି ଭାବେ ଶିକ୍ଷକ ତାପସ ରଞ୍ଜନ ଖଣ୍ଡ, ପାଣ୍ଡବ ଚରଣ ଦାସ, ଆଇନ ଉପଦେଷ୍ଟା ବିମଳ ଚନ୍ଦ୍ର ବିଶ୍ୱାଳ, ଅକ୍ରୁର ସିଂ, ଅଶୋକ ସେଠ, ଉପସଭାପତି ପବିତ୍ର ବରାଳ, ପ୍ରସନ ପରିଡା, ମନୋଜ ଦାସ, ବିଭୂତି ଭୂଷଣ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅଣ୍ଡା ଖାଇବାର ଆବଶ୍ୟକତା, ଏହାର ଉପକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଇନ ଉପଦେଷ୍ଟା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୁବଶକ୍ତି ପକ୍ଷରୁ ଫଳ ବଣ୍ଟନ

କାମାକ୍ଷାନଗର,୧୩।୧୦ (ଅମଜାଦ ଖାନ)

ପରଜଙ୍ଗ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଙ୍କଡାହାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଶୁକ୍ରବାର ଯୁବଶକ୍ତି ସମର୍ପିତ ଓଡ଼ିଶା ପକ୍ଷରୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବଶକ୍ତି ଅଧ୍ୟକ୍ଷ ତଥା ପରଜଙ୍ଗ ନିର୍ବାଚନମଣ୍ଡଳୀର ବିଜେଡି ଯୁବନେତା ହିମାଂଶୁ ଭୂଷଣ ବାରିକ ଯୋଗଦେଇ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍କୁର ସିଂହ, ମୁନା ବାବୁ, ସାମାଜିକ କର୍ମୀ ସୁବ୍ରତ ନାୟକ ଏବଂ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।


ଯୁବଶକ୍ତି ପକ୍ଷରୁ ମେଡିକାଲରେ ଫଳ ବଣ୍ଟନ କରାଯାଉଛି।

# ଅଜଣା କଲ୍‌କୁ ସାବଧାନ

## ରାସୋଳ ଅଞ୍ଚଳରେ ସାଇବର ସୁରକ୍ଷା ସଚେତନତା

ରାସୋଳ,୧୩।୧୦(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡର ରାସୋଳ ଅଞ୍ଚଳରେ ଓଡ଼ିଶା ପୋଲିସ ପକ୍ଷରୁ ଶୁକ୍ରବାର ସାଇବର ସୁରକ୍ଷା ସଚେତନତା ରଥ ପରିକ୍ରମା କରାଯିବା ସହିତ ଏ ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରାଯାଇଛି। ପ୍ରଥମେ ରାସୋଳ ବଜାର, ରାସୋଳ ମହିଳା ମହାବିଦ୍ୟାଳୟ ଓ ପରେ କଳିଙ୍ଗାପାଳଠାରେ ଏକ ସଚେତନତା ସଭା କରାଯାଇ ସାଇବର ଠକେଇ ସମ୍ପର୍କରେ ପ୍ରଚାର ପ୍ରସାର କରାଯାଇଥିଲା। ଏଥିସହିତ ସାଇବର ସୁରକ୍ଷା ଉପରେ ଏକ ନାଟ୍ୟଦଳ ପଥପ୍ରାନ୍ତ ନାଟକ ମାଧ୍ୟମରେ ଛାତ୍ରୀଛାତ୍ର ଓ ଲୋକମାନଙ୍କୁ ବୁଝାଇଥିଲେ। ଅଜଣା କଲ୍‌କୁ ସାବଧାନର ସହିତ ଗ୍ରହଣ କରିବା, ବ୍ୟାଙ୍କ ସମ୍ପର୍କିତ ତଥ୍ୟ, ଓଟିପି, ପାସୱାର୍ଡ ଆଦି ପ୍ରଦାନ ନ କରିବା, ସୋସିଆଲ ମିଡିଆରେ ପ୍ରଚାର ପ୍ରସାର ସମ୍ପର୍କରେ ଠିକ୍ ଭାବେ ଅବଗତ ହେବା ଆଦି ସମ୍ପର୍କରେ ସଚେତନ କରାଯାଇଥିଲା। ହିନ୍ଦୋଳ ଏସ୍‌ଡିପିଓ ଦୀପକ ଜେନାଙ୍କ ନେତୃତ୍ୱରେ ରାସୋଳ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ରାସୋଳ ଏସ୍‌ଆଇ ପ୍ରତାପ ଦଳେଇ ଓ ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି।

# ଲକ୍ଷ୍ମୀପୂଜାକୁ ନେଇ ପୂର୍ବ ବିବାଦର ସମାଧାନ

ଢେଙ୍କାନାଳ,୧୩।୧୦ (ରତନ ନାୟାର)

ଢେଙ୍କାନାଳ କଲେଜ ଛକ ଅଞ୍ଚଳରେ ଲକ୍ଷ୍ମୀ ପୂଜାକୁ ନେଇ ଥିବା ପୂର୍ବ ବିବାଦର ସମାଧାନ କରାଯାଇଛି। ଆସନ୍ତା ପୂଜାର ଯଥେଷ୍ଟ ପୂର୍ବରୁ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହମତି ଭିତ୍ତିରେ ଏହାର ସମାଧାନ କରାଯାଇଛି।

ପ୍ରକାଶ ଯେ, କଲେଜ ଛକ ଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ଲକ୍ଷ୍ମୀପୂଜା ବେଳେ କିଛି ସଦସ୍ୟ ପୂଜା କମିଟିରୁ ବାହାର କାଠଗଡାଠାରେ ଆଉ ଏକ ପୂଜା ପ୍ରତିଷ୍ଠାନ ଆରମ୍ଭ କରିଥିଲେ। ଫଳରେ ଏହାକୁ ନେଇ ଗତବର୍ଷ ବିବାଦ ଜଟିଳରୂପ ଧାରଣ କରିଥିଲା। ଏପରି କି ରାସ୍ତାରୋକୋ, ଉତ୍ତେଜନା ଆଦି ଦେଖାଦେଇଥିଲା। ଏହାକୁ ଲକ୍ଷ୍ୟ ରଖି ଆସନ୍ତା ଲକ୍ଷ୍ମୀ ପୂଜା ପୂର୍ବରୁ ଏହି ବିବାଦର ସମାଧାନ ନିମନ୍ତେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମିଳିତ ବଜାର ପୂଜା କମିଟି ସଭାପତି ଜ୍ଞାନେନ୍ଦ୍ର ବେହେରା, ସମ୍ପାଦକ ପୀତବାସ ସାହୁ, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଏବଂ ଉଭୟ ପୂଜା ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ଆଲୋଚନା ପରେ ସହମତି ଭିତ୍ତିରେ କରାଯାଇଥିବା ନିୟମ ଅନୁଯାୟୀ କଲେଜ ବଜାର ପୂଜା ପ୍ରତିଷ୍ଠାନ ବହୁ ବର୍ଷରୁ ମିଳିତବଜାର ପୂଜା ପ୍ରତିଷ୍ଠାନ ସହିତ ସ୍ୱୀକୃତିପ୍ରାପ୍ତ ହୋଇ ରହିଛି। କିନ୍ତୁ କାଠଗଡାଠାରେ ଯେଉଁ ପୂଜା ଅନୁଷ୍ଠାନ ଗଢିଉଠିଲା, ଏହା ମିଳିତବଜାର ପୂଜା ପ୍ରତିଷ୍ଠାନର ସ୍ୱୀକୃତିପ୍ରାପ୍ତ ଭାବେ ପରିଗଣିତ ହେବ ନାହିଁ। ଏହାର କୌଣସି ସୀମା ସରହଦ ରହିବ ନାହିଁ। କେବଳ କାଠଗଡା ଆନନ୍ଦନଗର ସାହିର ବ୍ୟକ୍ତିଗତ ପୂଜା ଭାବେ ପରିଗଣିତ ହେବ। କୌଣସି ନାମ ରହିବ ନାହିଁ। ୫୫ନଂ ଜାତୀୟ ରାଜପଥରୁ ୫୦ମିଟର ଦୂରରେ ପୂଜା ଅନୁଷ୍ଠିତ ହେବ। ମିଳିତବଜାର ପୂଜା କମିଟିର କୌଣସି ନିୟମ ସହିତ ଏହା ଅନୁବନ୍ଧିତ ହୋଇପାରିବ ନାହିଁ। ତାଙ୍କର ନିଜସ୍ୱ ପୂଜା ମଣ୍ଡପ ବ୍ୟତୀତ ଅନ୍ୟ କେଉଁଠି ସାଜସଜ୍ଜା ଓ ଲାଇଟ ଲଗାଇବେ ନାହିଁ। ପୂଜା ମଣ୍ଡପଠାରେ ଭୋଜିଭାତ ନ କରି ଆବଶ୍ୟକ ହେଲେ ଏକାନ୍ତ ସ୍ଥାନରେ ଭୋଜି କରିପାରିବେ। ମିଳିତ ଭସାଣିର ୨ଦିନ ପୂର୍ବରୁ ଅର୍ଥାତ ନଭେମ୍ବର ୬ ତାରିଖରେ କେବଳ ଘଣ୍ଟ ବଜାଇ ସୂର୍ଯ୍ୟାସ୍ତ ପୂର୍ବରୁ ଭସାଣି କରିବେ। ଏଥିରେ ଉଭୟ କମିଟି ସହମତି ପ୍ରକାଶ କରିବା ପରେ ଶାନ୍ତିଶୃଙ୍ଖଳାର ସହ ବିବାଦର ସମାଧାନ ହୋଇଥିବା ଜଣାପଡିଛି।

# ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭୁବନ,୧୩।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଜମୁନାକୋଟ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଶୁକ୍ରବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ଆଚାର୍ଯ୍ୟ ୯ ମାସ ଧରି ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ନେଇଥିଲେ। ସେ ଭୁବନ ବ୍ଲକ ଅନଳ ଶ୍ରୀମା ଅରବିନ୍ଦ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରି ୩୨ ବର୍ଷ ପରେ ନୂଆଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୨ବର୍ଷ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଏହି ଅବସର କାଳୀନ ସଭାରେ ଜମୁନାକୋଟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିପିନ ବିହାରୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ବନମାଳୀ ସାହୁ, ନୂଆଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା ଓ ବରିଷ୍ଠ ସଂସ୍କୃତ ଶିକ୍ଷକ ଉମ୍ବରୁଧର ସାହୁଙ୍କ ସମେତ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଅବସର ନେଉଥିବା ପ୍ରଧାନ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାହୁ, ରାଜଶ୍ରୀ ସେଠୀ, କଳ୍ପନା ମାହୁନ୍ତ, କର୍ମଚାରୀ ଅଜୟ କୁମାର ସାହୁ ଓ ଶିଶିର କୁମାର ସାହୁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।


ଅବସର ନେଇଥିବା ଶିକ୍ଷକଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରଛାତ୍ରୀମାନେ।

# ଜିଲାସ୍ତରକୁ ମନୋନୀତ ହେଲେ ପ୍ରତିଯୋଗୀ

ଢେଙ୍କାନାଳ,୧୩।୧୦(ରତନ ନାୟାର)

ଢେଙ୍କାନାଳ ଜର୍ଜ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ୍‌ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି, ସମ୍ମାନିତ ଅତିଥି ଭାବେ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ଏବିଇଓ ଭଗବାନ ବେହେରା ଓ ଦେବବ୍ରତ ନାଥ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ତଥା ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ ସହିତ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଥିଲା। ଅପରାହ୍ଣରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ, ସମ୍ମାନିତ ଅତିଥି ସମଗ୍ର ଶିକ୍ଷା ଅଭିଯାନର ଶିକ୍ଷା ସଂଯୋଜିକା ଶୁଭଲକ୍ଷ୍ମୀ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବେହେରା, ଦେବବ୍ରତ ନାଥ ଓ ଶତ୍ରୁଘ୍ନ ଖଣ୍ଡା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷକ ଦେବେନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶନାରେ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ଦାସ, ରଜନୀକାନ୍ତ ସାହୁ ଓ ରମା ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଲାଲୁ ପ୍ରସାଦ ସେନ୍, ସତ୍ୟନାରାୟଣ ନାୟକ, ଅମ୍ବୁଜ ପୃଷ୍ଟି, ସବିତା ଦ୍ୱିବେଦୀ, ବିକ୍ରମ ସେଠୀ, ସୌରଭ ରାୟ, ପ୍ରମୋଦ ସାହୁ, ରସାନନ୍ଦ ମହାରଣା, ସୁଶାନ୍ତ ସାହୁ, ସସ୍ମିତା ସାମଲ, ବିଚ୍ଛନ୍ଦ ବେହେରା, ଅସିତ୍ ମିଶ୍ର, କାଳନ୍ଦୀ ଦେବତା, ସନ୍ତୋଷ ପଟ୍ଟନାୟକ, ବିକାଶ ଜେନା, ରାଜେନ୍ଦ୍ର ନାୟକ, ବିଷ୍ଣୁ ମଲ୍ଲିକ ଓ ସଦର ବ୍ଲକର ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ।



ସଦର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସଚେତନତା ସୃଷ୍ଟିରେ ପ୍ରମୁଖ ଭୂମିକା ନେଇଥାନ୍ତି କଳାକାର

## ଲୋକକଳାର ସଂସାଧନ ସଦସ୍ୟଙ୍କ ପ୍ରଶିକ୍ଷଣ ଶିବିର

ଢେଙ୍କାନାଳ, ୧୩।୧୦ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ କଳା ସଂସ୍କୃତି ସଂଘର ଲୋକକଳାରେ ସୂଚନା, ଶିକ୍ଷା ଓ ଯୋଗାଯୋଗର ପ୍ରୟୋଗ ସମ୍ପର୍କିତ ସଂସାଧନ ସଦସ୍ୟମାନଙ୍କ ପ୍ରଶିକ୍ଷଣ ଶିବିର ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ଗ୍ରାମାଞ୍ଚଳର ଲୋକଙ୍କ ପାଖରେ ପହଞ୍ଚାଇବା ସହିତ ଜନ ସଚେତନତା ସୃଷ୍ଟି କରିବା ପାଇଁ ଲୋକକଳା ଓ କଳାକାରମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଯୋଗ ଦେଇଥିଲେ। ସଦର ବ୍ଲକ ବିଡିଓ ସୁଧୀର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘ ଉପସଭାପତି ସନ୍ତୋଷ କୁମାର ସ୍ୱାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପୂର୍ବାହ୍ନରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଲୋକକଳା ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିବା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଜିଲା ଏବଂ ରାଜ୍ୟ ଲୋକକଳା ସଂଘର ଉପସଭାପତି ଅବନୀ କୁମାର ମିଶ୍ର ପରିଚାଳନା କରିବା ସହ କଳାକାରମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମ୍ପାଦକ ଜ୍ଞାନରଞ୍ଜନ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ପାଲାଗାୟକ ଦୁର୍ଗାଚରଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ତୋଷ କୁମାର ସାହୁ, ବାସୁଦେବ ଧଳ ପ୍ରମୁଖ ସହଯୋଗ କରିଥିଲେ। ସଦର ବ୍ଲକ ଅଞ୍ଚଳରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ କଳାକାର ଶିବିରରେ ଯୋଗ ଦେଇଥିଲେ।


ଲୋକକଳାର ସଦର ବ୍ଲକ ସଂସାଧନ ସଦସ୍ୟଙ୍କ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ରାଜ୍ୟ କ୍ରୀଡ଼ା ମନ୍ତ୍ରୀଙ୍କ ସମେତ ଅନ୍ୟ ଅତିଥିମାନେ।

# ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

ଢେଙ୍କାନାଳ, ୧୩।୧୦ (ରତନ ନାୟାର)

ଢେଙ୍କାନାଳ ସଦର ଥାନା ହରିପୁର ଗ୍ରାମଠାରେ ଗତ ୯ ତାରିଖ ଗଣେଶ ପୂଜା ଭସାଣି ସମୟରେ ଶବର ଦଳିତ ଆଦିବାସୀମାନଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି ଜୋର୍ ଧରିଛି। ଶୁକ୍ରବାର ରାଜ୍ୟର ବରିଷ୍ଠ ଦଳିତ ନେତା ଶ୍ରୀକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ସମ୍ପୃକ୍ତ ଅଞ୍ଚଳର ମହିଳା ଓ ପୁରୁଷମାନେ ଏ ନେଇ ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ହରିପୁର ଗ୍ରାମ ନିକଟସ୍ଥ ଏକ କମ୍ପାନୀରୁ କାର୍ଯ୍ୟ ସାରି ଉକ୍ତ ଅଞ୍ଚଳର କେତେଜଣ ଦଳିତ ଓ ଶବର ଯୁବକ ଘରକୁ ଫେରୁଥିବା ବେଳେ ଗ୍ରାମର ବଉଳ ଛକଠାରେ କେତେଜଣ ଯୁବକ ସେମାନଙ୍କୁ ଆକ୍ରମଣ କରିଥିଲେ। ଫଳରେ ଦଳିତ ଯୁବକମାନେ ଭୟରେ ଦୌଡି ପଳାଇଥିଲେ। ଏହାପରେ ସବର୍ଣ୍ଣ ଯୁବକମାନେ ସେମାନଙ୍କୁ ଧମକଚମକ ଦେବାରୁ ଦଳିତ ପରିବାରଗୁଡିକ ଘରଦ୍ୱାର ଛାଡି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ଏହି ଘଟଣାକୁ ନେଇ ଗ୍ରାମର ରମା ବେହେରା, ଭାନୁ ନାଏକ ପ୍ରମୁଖଙ୍କ ସହିତ ଶବର ଦଳିତ ଆଦିବାସୀମାନେ ଜିଲାପାଳ ଓ ଏସ୍‌ପିଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।


ଜିଲାପାଳ ଓ ଏସ୍‌ପିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଦଳିତ ଆଦିବାସୀମାନେ।

# ସପ୍ତମ ଦିବସରେ ମହାଯଜ୍ଞ

କାମାକ୍ଷାନଗର, ୧୩।୧୦ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଉଁଶପାଳ ପଞ୍ଚାୟତ ଶୁଳାପଶିଠାରେ ଥିବା ସ୍ୱପ୍ନେଶ୍ୱର ଶୈବପୀଠରେ ମା' ପାର୍ବତୀଙ୍କ ଷୋଡ଼ଶ ଦିନାତ୍ମକ ପୂଜାର ଶୁକ୍ରବାର ସପ୍ତମ ଦିବସରେ ମା'ଙ୍କ ମନ୍ଦିର ଗର୍ଭ ଗୃହ ସମ୍ମୁଖରେ ବିଧି ଅନୁଯାୟୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଳତୁମା ଗାଁର ବୈଦ୍ୟଭୂଷଣ କବିରାଜ ମଙ୍ଗରାଜ ସାହୁ ଏବଂ କାମାକ୍ଷାନଗର ଅଞ୍ଚଳର ପଣ୍ଡିତ ତଥା ଜଗନ୍ନାଥ ସଂସ୍କୃତି ପ୍ରଚାରକ ଶ୍ରୁତିପଦ ନନ୍ଦ ଦୁର୍ଗା ସହସ୍ର ଶ୍ଲୋକ ପାଠ କରିଥିଲେ। ଗତ ଶନିବାର ଠାରୁ ଆରମ୍ଭ ହୋଇଥିବା ଏହି ପୂଜାରେ ପ୍ରତ୍ୟେକ ଦିନ ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଉଛି। ବିଶେଷକରି ମହିଳା ସଂକୀର୍ତ୍ତନ ମଣ୍ଡଳୀମାନେ ବହୁଳ ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି । ଏଥିସହିତ ହରିହାଟରେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପରିକ୍ଷିତ ମହାପାତ୍ର ପୁରୋହିତ ଭାବରେ କାର୍ଯ୍ୟ ତୁଲାଉଥିବା ବେଳେ ମନ୍ଦିର କମିଟି ସଭାପତି ନିଶାକର ଜେନାଙ୍କ ନେତୃତ୍ୱରେ ପାପୁନି ନନ୍ଦ, ହିମାଦ୍ରୀ ଦାସ ଏବଂ ପରିଚାଳନା କମିଟି କର୍ମକର୍ତ୍ତା ସହଯୋଗ କରୁଛନ୍ତି।


ସଂକୀର୍ତ୍ତନ ମଣ୍ଡଳୀ ନାମ ପରିବେଷଣ କରୁଛନ୍ତି।

# ଏଲ୍‌ଏନ୍‌ଆଇପିଇ ଗ୍ୱାଲିୟରକୁ ହରାଇ କେରଳ ପୋଲିସ ସେମିରେ


ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

## ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ

ଢେଙ୍କାନାଳ, ୧୩।୧୦ (ରତନ ନାୟାର)

ଢେଙ୍କାନାଳ ଷ୍ଟାଡିୟମଠାରେ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଚାଲିଥିବା ୫ମ ସର୍ବ ଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତାର ଶୁକ୍ରବାର ମ୍ୟାଚରେ କେରଳ ପୋଲିସ ୨-୦ ଗୋଲରେ ଏଲ୍‌ଏନ୍‌ଆଇପିଇ ଗ୍ୱାଲିୟରକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଏହି ଖେଳକୁ ଜ୍ୟୋତି ରଞ୍ଜନ ସ୍ୱାଇଁ, ଶଶୀକାନ୍ତ ଦାଶିଆ, ଅନିଲ ପ୍ରସାଦ ନନ୍ଦ ଓ ଦେବରାଜ ସ୍ୱାଇଁ ପରିଚାଳନା କରିଥିଲେ। ଅତିଥି ଭାବେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିରୋଜ ନଳିନୀ ମହାଲିକ ଓ ରେଙ୍ଗାଳି ଦକ୍ଷିଣ କେନାଲ ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜଙ୍କ ସମେତ ଅଭିଜିତ ମିଶ୍ର, ଶ୍ୟାମସୁନ୍ଦର ମହାପାତ୍ର, ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢୀ, ସୁନୀଲ ପଣ୍ଡା, ଶିବ ଦାସ, ସୁଶାନ୍ତ ଜେନାଙ୍କ ସମେତ ବହୁ ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କେରଳ ପୋଲିସ, କେରଳ ରାଜ୍ୟ ବିଦ୍ୟୁତ୍ ବୋର୍ଡକୁ ଭେଟିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

କାମାକ୍ଷାନଗର, ୧୩।୧୦ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାକୁଡିଆ ଗ୍ରାମର ମଧୁସୂଦନ ବିଶ୍ୱାଳଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ବିଶ୍ୱାଳ (୩୫)ଙ୍କ ଶୁକ୍ରବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ତେବେ ସନ୍ଧ୍ୟାରାଣୀଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ, ଢେଙ୍କାନାଳ ସଦର ଥାନା କୁସପଦା ଗ୍ରାମର ଭୀମସେନ ସାହୁଙ୍କ ଝିଅ ସନ୍ଧ୍ୟାରାଣୀ କାକୁଡିଆ ଗ୍ରାମର ମଧୁସୂଦନଙ୍କୁ ୧୩ ବର୍ଷ ତଳେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡା ଲାଗୁଥିଲା। କିଛି ଦିନ ହେବ ଧନଲୋଭରେ ସନ୍ଧ୍ୟାରାଣୀଙ୍କୁ ଅଧିକ ମାଡପିଟ କରାଯାଉଥିଲା। ତେବେ ଝିଅକୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ବାପା ଭୀମସେନ କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରିଥିବା ବେଳେ ସାଇଣ୍ଟିଫିକ ଟିମ ମାଧ୍ୟମରେ ଅଧିକ ତଦନ୍ତ ଜାରି ରଖିଛି। ସ୍ୱାମୀ ମଧୁସୂଦନଙ୍କୁ ପୋଲିସ ଅଟକ ରଖିଛି।

# ଅଣ୍ଡା ଉତ୍ପାଦନରେ ଢେଙ୍କାନାଳ ସ୍ୱାବଲମ୍ବୀ


ଅଣ୍ଡା ଦିବସ ପାଳନ ଅବସରରେ ଢେଙ୍କାନାଳ ଜିଲାର ଅଗ୍ରଣୀ କୁକୁଡ଼ା ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା କୁକୁଡ଼ା ଚାଷୀମାନେ ଉପସ୍ଥିତ ଅଛନ୍ତି।

## ବିଶ୍ୱ ଅଣ୍ଡା ଦିବସ

ଢେଙ୍କାନାଳ, ୧୩।୧୦ (ରତନ ନାୟାର)

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ଶୁକ୍ରବାର ଅଣ୍ଡା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ ଯେ, ଅନ୍ୟ ଖାଦ୍ୟ ତୁଳନାରେ ଅଣ୍ଡାରେ ଅଧିକ ପ୍ରୋଟିନ ଓ ଭିଟାମିନ ରହିଛି। ଏହା ମଧ୍ୟ ସହଜରେ ମିଳିପାରୁଛି। ତେଣୁ ଅଧିକାଂଶ ଦିନ ଅଣ୍ଡା ଖାଇବାକୁ ସେ ପରାମର୍ଶ ଦେଇଥିଲେ। ଅଣ୍ଡା ଉତ୍ପାଦନରେ ଢେଙ୍କାନାଳ ଜିଲା ସ୍ୱାବଲମ୍ବୀ ହୋଇପାରିଛି। କୁକୁଡ଼ା ଚାଷ ଓ ଅଣ୍ଡା ଉତ୍ପାଦନ ନିମନ୍ତେ ସରକାର ରିହାତି ଦେଇ ପ୍ରୋତ୍ସାହିତ କରୁଛନ୍ତି। ଏଣୁ ଅଧିକରୁ ଅଧିକ ଅଣ୍ଡା ଉତ୍ପାଦନ ନିମନ୍ତେ କୁକୁଡା ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆଗେଇ ଆସି ଉଦ୍ୟୋଗୀ ଚାଷୀ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଉମ୍ବରୁଧର ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଲେ, ପ୍ରତ୍ୟେକବର୍ଷ ଅକ୍ଟୋବର ଦ୍ୱିତୀୟ ଶୁକ୍ରବାର ବିଶ୍ୱ ଅଣ୍ଡା ଦିବସ ପାଳନ ହୋଇଥାଏ। ଅଣ୍ଡା ଉତ୍ପାଦନରେ ବିଶ୍ୱରେ ଆମ ଦେଶ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଆମ ରାଜ୍ୟ ଅଣ୍ଡାରେ ବଳକା ରାଜ୍ୟ ହୋଇଛି। ରାଜ୍ୟରେ ଢେଙ୍କାନାଳ ଜିଲା ମଧ୍ୟ ତୃତୀୟ ସ୍ଥାନ ଅଧିକାର କରିଛି। ଜିଲା ମତ୍ସ୍ୟ ଅଧିକାରୀ ସଂଗ୍ରାମ କେଶରୀ କର, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢୀ, ଜିଲା ମୁଖ୍ୟ କୃଷି ଅଧିକାରୀ ଦୀପ୍ତିକାନ୍ତ ରାଉତରାୟ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଜିଲା ପ୍ରାଣୀ ଚିକିତ୍ସାଳୟ ଉପନିର୍ଦ୍ଦେଶକ ଡା. ଲକ୍ଷ୍ମୀ ନାରାୟଣ ନନ୍ଦ, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ପଟ୍ଟନାୟକ ପ୍ରମୁଖ ଅଣ୍ଡାର ଉପାଦେୟତା, ଉତ୍ପାଦନ, କୁକୁଡା ଚାଷ ଓ ମାଛ ଚାଷ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଅଗ୍ରଣୀ କୁକୁଡା ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା କୁକୁଡା ଚାଷୀ, ପ୍ରାଣୀ ସମ୍ପଦ ବିଭାଗର ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।



# ଭସାଣିରେ ବଉଳଛକ ରାସପାର୍ଟି, କାରିଗରପଢ଼ା ପ୍ରଥମ

## ତାଳଚେର ଗଣେଶ ପୂଜାର ଫଳାଫଳ ଘୋଷଣା

ତାଳଚେର,୧୩।୧୦(ମନୋଜ ନନ୍ଦ)

ତାଳଚେରରେ ପାଳିତ ହୋଇଯାଇଥିବା ପ୍ରତିଯୋଗିତା ଭିତ୍ତିକ ଗଣେଶ ପୂଜାର ଫଳାଫଳ ଘୋଷଣା କରାଯାଇଛି। ସ୍ଥାନୀୟ ପଞ୍ଚାୟତ ସଭାଗୃହ ଠାରେ କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ତଥା ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୂର୍ତ୍ତିରେ କ' ବିଭାଗରେ ରାମଚନ୍ଦ୍ର ବଜାର ପ୍ରଥମ, ନୂଆ ବସ୍‌ଷ୍ଟାଣ୍ଡ ଓ ଜୟହିନ୍ଦ କ୍ଲବ କୁମ୍ଭାର ସାହି ଦ୍ୱିତୀୟ ଏବଂ ଚିତ୍ରକୁଟ ବଜାର ଗଣେଶ ପୂଜା କମିଟି ଓ ବିଶ୍ୱକର୍ମା ବଜାର ଗଣେଶ ପୂଜା କମିଟିକୁ ତୃତୀୟ ସ୍ଥାନ ମିଳିଛି। ଖ' ବିଭାଗ ମୂର୍ତ୍ତିରେ ତ୍ରିନାଥ ଗଣେଶ ପୂଜା କମିଟି ସିଂହସାହି ପ୍ରଥମ, ଗଣପତି ପୂଜା କମିଟି ଓ ମହାଲକ୍ଷ୍ମୀ ଗଣେଶ ପୂଜା କମିଟି ଦ୍ୱିତୀୟ, କାରିଗରପଡା ଯୁବକ ସଂଘ ହାଣ୍ଡିଧୁଆ ପୂଜା କମିଟି ତୃତୀୟ ବିବେଚିତ ହୋଇଛନ୍ତି। ସାଜସଜ୍ଜାରେ ରାମଚନ୍ଦ୍ର ବଜାର ପ୍ରଥମ, ନୂଆ ବସଷ୍ଟାଣ୍ଡ ଗଣେଶ ପୂଜା କମିଟି ଦ୍ୱିତୀୟ ଓ ବଉଳଛକ ରାସପାର୍ଟି ଗଣେଶ ପୂଜା କମିଟି ତୃତୀୟ ହୋଇଛନ୍ତି। ଖ' ବିଭାଗ ସଜସଜ୍ଜାରେ ବିନାୟକ ଗଣେଶ ପୂଜା କମିଟି ହାଣ୍ଡିଧୁଆ ପ୍ରଥମ, ଗଣେଶ ପୂଜା କମିଟି ହାଣ୍ଡିଧୁଆ ଦ୍ୱିତୀୟ ଓ ଜୟ ମା'ମଙ୍ଗଳା ଜମ୍ବୁବଣିଆ ସାହି ତୃତୀୟ ହୋଇଛନ୍ତି। ସ୍ୱଚ୍ଛତା କ' ବିଭାଗରେ ହାଟତୋଟା ପୂଜା କମିଟି ପ୍ରଥମ, ରାମଚନ୍ଦ୍ର ବଜାର ପୂଜା କମିଟି ଓ ବସ୍‌ଷ୍ଟାଣ୍ଡ ପୂଜା କମିଟି ଦ୍ୱିତୀୟ ଏବଂ ବଉଳଛକ ଓ ହନୁମାନପଡା ପୂଜା କମିଟି ତୃତୀୟ ହୋଇଛନ୍ତି। ସ୍ୱଚ୍ଛତା ଖ' ବିଭାଗରେ ମ୍ୟୁନିସିପାଲିଟି କମ୍ପ୍ଲେକ୍ସ ପୂଜା କମିଟି ପ୍ରଥମ, ପୂଜା କମିଟି ହାଣ୍ଡିଧୁଆ ଓ ଜୟ ମା' ମଙ୍ଗଳା ଜାମ୍ବୁବଣିଆ ସାହି ପୂଜା କମିଟି ଦ୍ୱିତୀୟ ଏବଂ ହରଗୌରୀ ପୂଜା କମିଟି ତୃତୀୟ ହୋଇଛନ୍ତି। ସେହିପରି ଭସାଣି କ' ବିଭାଗରେ ବଉଳଛକ ରାସପାର୍ଟି ପ୍ରଥମ, କଳିଙ୍ଗ ଗଣେଶ ପୂଜା କମିଟି ଦ୍ୱିତୀୟ, ହଟତୋଟା ପୂଜା କମିଟି ତୃତୀୟ ହୋଇଛନ୍ତି। ଭସାଣି ଖ' ବିଭାଗରେ କାରିଗରପଡା ପୂଜା କମିଟି ପ୍ରଥମ, ମହାଲକ୍ଷ୍ମୀ ପୂଜା କମିଟି ଦ୍ୱିତୀୟ ଓ ତ୍ରିନାଥ ପୂଜା କମିଟି ତୃତୀୟ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ବିଭାଗରେ କଳିଙ୍ଗ ମାର୍କେଟ ପୂଜା କମିଟି ପ୍ରଥମ, ମହାଲକ୍ଷ୍ମୀ ପୂଜା କମିଟି ଦ୍ୱିତୀୟ, ମହାରଣା ସାହି ପୂଜା କମିଟି ତୃତୀୟ, ଛତ୍ରକୁଟ ବଜାର ପୂଜା କମିଟି ୪ର୍ଥ, ଜୟ ମା' ହିଙ୍ଗୁଳା ରାଣୀ ମନ୍ଦିର ପୂଜା କମିଟି ୫ମ, ମ୍ୟୁନିସିପାଲଟି ବଜାର ପୂଜା କମିଟି ନୁହୁରା ସାହି ୬ଷ୍ଠ,ବାପୁଜୀ ନଗର ଯୁବକ ସଂଘ ପୂଜା କମିଟି ୭ମ, ଶ୍ରୀଗଣେଶ ପୂଜା କମିଟି ଜେଲ୍ ରୋଡ ୮ମ ସ୍ଥାନରେ ରହିଛନ୍ତି। ଏହି ବୈଠକରେ କମିଟି କାର୍ଯ୍ୟକାରୀ ସଭାପତି ତଥା ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ସାଧାରଣ ସମ୍ପାଦକ ଦିଲୀପ ପାଣି, ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର, ପ୍ରକାଶ ମହାରଣା, କୋଷାଧ୍ୟକ୍ଷ ରଣଜିତ ମହାପାତ୍ର, ସୌଭାଗ୍ୟ ମହାରଣା, କେଶବ ଭୂତିଆ ଓ ତପନ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ପୂଜା କମିଟି ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଯୋଗ ଦେଇଥିଲେ। ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସାଧାରଣ ସମ୍ପାଦକ ଦିଲୀପ ପାଣି ସୂଚନା ଦେଇଛନ୍ତି।



ବୈଠକରେ କେନ୍ଦ୍ରୀୟ ଗଣେଶ ପୂଜା କମିଟି କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ତାଳଚେର,୧୩।୧୦(ମନୋଜ ନନ୍ଦ)

ତାଳଚେର ସହଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର କୁମାର ବିଶ୍ୱାଳ ଓ ସୋଲଡା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଗଣେଶ୍ୱର ନାଏକଙ୍କୁ କଳମଛୁଇଁ କ୍ଲଷ୍ଟର ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସୋଲଡା ଗ୍ରାମସ୍ଥିତ ମଝିକା ନରହରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ କଳମଛୁଇଁ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜିକା ପ୍ରତିମା ତରାଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ପାଣି ଓ ମୁଖ୍ୟ ବକ୍ତା ଭାବେ ବନବାସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ଜ୍ୟୋତିଷ ପ୍ରମୁଖ ଯୋଗ ଦେଇଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର କୁମାର ବିଶ୍ୱାଳଙ୍କ ଦୀର୍ଘ ୩୭ ବର୍ଷର ସଚ୍ଚୋଟ, କର୍ତ୍ତବ୍ୟନିଷ୍ଠ କର୍ମମୟ ଜୀବନୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସେହିପରି ସହକାରୀ ଶିକ୍ଷକ ଗଣେଶ୍ୱର ନାଏକ ୧୪ ବର୍ଷ ଶିକ୍ଷକତା କରିଥିବା ବେଳେ ନିଜର ମଧୁର ବ୍ୟବହାର ପାଇଁ ଛାତ୍ରୀଛାତ୍ର ତଥା ଶିକ୍ଷକମହଲରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ଅତିଥିମାନେ କହିଥିଲେ। ମୁଖ୍ୟ ଅତିଥି ବେହେରା ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦୁଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରମୋଦ ପଟ୍ଟନାୟକ ପରିଚାଳନା କରିଥିବାବେଳେ ସଭାପତି ତରାଇ ଧନ୍ୟବାଦ ଅର୍ପଣ କରିଥିଲେ। କଳମଛୁଇଁ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ଅବସର ନେଉଥିବା ଅଧିକାରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପବିତ୍ର ମୋହନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଅଧୀକ୍ଷକ ନିଯୁକ୍ତ

ଅନୁଗୋଳ,୧୩।୧୦(ଅମିତ କୁମାର ସାମଲ)/ ତାଳଚେର (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ପବିତ୍ର ମୋହନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପାଇଁ ରାଜ୍ୟ ସରକାର ଅଧୀକ୍ଷକ ନିଯୁକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ପତ୍ର ନମ୍ବର ୨୫୦୬୦, ତା ୧୨।୧୦।୨୩ ଅନୁଯାୟୀ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସୁଧର୍ମା ଚନ୍ଦ୍ର ପାତ୍ରଙ୍କୁ ପବିତ୍ର ମୋହନ ମେଡିକାଲ କଲେଜ ଏବଂ ଡାକ୍ତରଖାନାର ଅଧୀକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ ପ୍ରଶାସକ ପଦବୀ ଅନେକ ଦିନ ପରେ ପୂରଣ ହୋଇଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚିଠି କରାଯାଇ ଡାକ୍ତର ଗୌରୀ ଶଙ୍କର ବଳଙ୍କୁ ମୁଖ୍ୟ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି। ବାଲେଶ୍ୱର ଜିଲାରେ କାର୍ଯ୍ୟରତ ଡାକ୍ତର ପ୍ରଭାସ ଚନ୍ଦ୍ର ନାୟକଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଜନ ସାସ୍ଥ୍ୟ ଓ ଭୁବନେଶ୍ୱରର ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ପରିବାର କଲ୍ୟାଣ ଭାବେ ନିଯୁକ୍ତି କରାଯାଇଛି।



# ସରକାରଙ୍କ ଭ୍ରଷ୍ଟାଚାର ବଖାଣିଲା କଂଗ୍ରେସ



କଂଗ୍ରେସ ନେତା ଓ କର୍ମୀମାନେ ପଦଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି।

କଣିହାଁ,୧୩।୧୦(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କଂଗ୍ରେସ ପକ୍ଷରୁ ଶୁକ୍ରବାର ବିଭିନ୍ନ ପଞ୍ଚାୟତରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ଶଶୀକାନ୍ତ ସାମଲଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବଜ୍ରକୋଟ ପଞ୍ଚାୟତଠାରୁ ପଦଯାତ୍ରା ଆରମ୍ଭ କରି ଘରେ ଘରେ ପହଞ୍ଚି କଂଗ୍ରେସ ସପକ୍ଷରେ ଜନଜାଗରଣ ସୃଷ୍ଟି କରିଥିଲେ। ଏହାପରେ ପଦଯାତ୍ରା ଦେନାଳି, ରେଙ୍ଗାଳି, ରେଙ୍ଗାଳି ଡ୍ୟାମ୍ ଅଞ୍ଚଳ, ଖିଣ୍ଡୋ, ନିଳାପଶି, କୁଲୁମା, ବରପଦା, ଶୁଆଝରି, ଖାଲପାଳ ଆଦି ଗ୍ରାମ ପରିକ୍ରମା କରିଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ସମ୍ପର୍କରେ ଲୋକଙ୍କୁ ବୁଝାଯାଇଥିଲା। ପଥପ୍ରାନ୍ତ ସଭାରେ କଂଗ୍ରେସ ନେତୃବୃନ୍ଦ କଣିହାଁ ବ୍ଲକରେ ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ଦେଶ ପାଇଁ କଂଗ୍ରେସର ବିଭିନ୍ନ କୃତିତ୍ୱ ଓ ଅବଦାନ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ତଥା ଅନୁଗୋଳ ଜିଲା ପ୍ରଭାରୀ ପ୍ରକାଶ ମିଶ୍ର, ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ବରିଷ୍ଠ କାର୍ଯ୍ୟକର୍ତ୍ତା ଫକିର ମୋହନ ସାମଲ, ଦୋଳ ଗୋବିନ୍ଦ ସାହୁ, ଶରତ ଚନ୍ଦ୍ର ପ୍ରଧାନ, ମିଡିଆ ସେଲ୍ ସଂଯୋଜକ ପ୍ରତାପ ଶତପଥୀ, ମହେଶ୍ୱର ପ୍ରଧାନ, ନରେନ୍ଦ୍ର ଗଡ଼ନାୟକ, ଡା . ନିରଞ୍ଜନ ସାମଲ, ଜଗମୋହନ ସାହୁ, ହେମନ୍ତ ତୁଙ୍ଗ, ବୀରେନ ସ୍ୱାଇଁ, ଦୁଃଖବନ୍ଧୁ ସାମଲଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଅର୍ମାନ ହେଲେ ଗ୍ରାଣ୍ଡମାଷ୍ଟର

ବଇଣ୍ଡା,୧୩।୧୦ (ପରିକ୍ଷିତ ସାହୁ)

ମାତ୍ର ଗୋଟିଏ ମିନିଟ୍ ମଧ୍ୟରେ ୫୮ଟି ପ୍ରାଣୀଙ୍କ ବୈଜ୍ଞାନିକ ନାମ କହିପାରିଥିବାରୁ ୱାର୍ଲ୍ଡ ରେକର୍ଡ ୟୁନିଭରସିଟି ତରଫରୁ ଗ୍ରାଣ୍ଡ ମାଷ୍ଟର ଉପାଧିରେ ସମ୍ମାନିତ ହୋଇଛନ୍ତି ୮ ବର୍ଷର ବାଳକ ଅର୍ମାନ ଅନିମେଶ ଜେନା। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ଡାକ୍ତର ଦୀନବନ୍ଧୁ ଜେନା ଓ ସ୍ୱର୍ଗତ ସରୋଜିନୀ ମହାନ୍ତିଙ୍କ କନିଷ୍ଠ ନାତି ତଥା ବିଲେଇନାଳୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ ଜେନା ଓ ସୌମିତ୍ରୀ ଜେନାଙ୍କ ଏକମାତ୍ର ପୁଅ ଅର୍ମାନ ୨୦୨୩ ମସିହା ପାଇଁ ଏହି ଗ୍ରାଣ୍ଡମାଷ୍ଟର ସମ୍ମାନ ପାଇ ଅନୁଗୋଳ ଜିଲା ପାଇଁ ଗୌରବର ଅଧିକାରୀ ହୋଇପାରିଛନ୍ତି। ଅର୍ମାନ ପୂର୍ବରୁ ୨ଥର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ, ଥରେ ଏସିଆ ବୁକ୍ ଅଫ୍ ରେକର୍ଡ ଓ ୱାର୍ଲ୍ଡ ରେକର୍ଡର ଅଧିକାରୀ ହୋଇଥିଲେ। ସାଇନ୍ସ ଅଲିମ୍ପିଆଡ୍ ଫାଉଣ୍ଡେଶନ ୨୦୨୨ର ଗଣିତ ସାମାଜିକ ବିଜ୍ଞାନ ପରୀକ୍ଷାରେ ଅନ୍ତର୍ଜାତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅର୍ମାନ ଏହି ସଫଳତାର ଶ୍ରେୟ ତାଙ୍କ ଜେଜବାପା, ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଦେଇଛନ୍ତି।



ରେକର୍ଡଧାରୀ ଅର୍ମାନ।

# ୧୨୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କଣିହାଁ, ୧୩।୧୦(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆଲୁମନି ତରଫରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁକାନ୍ତ ଚନ୍ଦ୍ର ପ୍ରଧାନ, ଡାକ୍ତର ପ୍ରତାପ କୁମାର ପାଣି, ପ୍ରଧାନଶିକ୍ଷକ ଦାଶରଥି ଜେନା, ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ, ଉପସଭାପତି ସୁଧାକର ପ୍ରଧାନ, ସୁଶାନ୍ତ କୁମାର ପାଣି ଓ ବାଙ୍କନିଧି ସାମଲ ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡାକ୍ତର ପାଣି କହିଥିଲେ ଯେ, ସ୍ୱାସ୍ଥ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଏହି ଶିବିରର ଲକ୍ଷ୍ୟ। ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏକ ଭଲ ଯୋଜନା। ଗରିବ ହିତାଧିକାରୀମାନେ ଏହାର ସଦୁପଯୋଗ କରିବା ଉଚିତ। ସକାଳ ୮ ରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ୧୨୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଡାକ୍ତର ପାଣି ବିନା ମୂଲ୍ୟରେ ଔଷଧ ଯୋଗାଇଥିଲେ। ଏହି କାର୍ଯ୍ୟ ପାଇଁ ଡାକ୍ତର ପାଣିଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା।



# ଚାନ୍ଦା ନ ଦେବାରୁ ଆକ୍ରମଣ

ଅନୁଗୋଳ, ୧୩।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଟାଉନ୍ ଥାନା ହୁଲୁରିସିଂହା ଅଞ୍ଚଳରେ ଜଣେ କବାଡ଼ିବାଲା ପଞ୍ଚୁ ପ୍ରସାଦ ଗୁପ୍ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୯୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଗୁରୁବାର ଜଣେ ଯୁବକ ଆସି ପଞ୍ଚୁ ପ୍ରସାଦଙ୍କ ଦୋକାନରେ ପହଞ୍ଚି ଗାଳିଗୁଲଜ କରିଥିଲେ। ହାତରେ ଛୁରି ଧରିଥିବାବେଳେ ଦାଦା ବଟି ମାଗିଥିଲେ। ପଞ୍ଚୁ ଭୟରେ ଦୋକାନ ବାହାରକୁ ଚାଲିଆସିବାରୁ ଯୁବକ ଜଣଙ୍କ ପଳାଇ ଯାଇଥିଲେ। କିନ୍ତୁ ଅପରାହ୍ନରେ ସମ୍ପୃକ୍ତ ଯୁବକ ପୁଣି ଆସି ଟଙ୍କା ମାଗିଥିଲେ। ସେ ଟଙ୍କା ନଦେବାରୁ ଏକ ବାଉଁଶରେ ପଞ୍ଚୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ଅଣ୍ଡାର ଆବଶ୍ୟକତା ଉପରେ ଆଲୋକପାତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

ଅନୁଗୋଳ,୧୩।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ଏକ ଜିଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରୋଦ ଦାସ ସଭାପତିତ୍ୱ କରିବା ସହ ସୁସ୍ଥ ଭବିଷ୍ୟତ ପାଇଁ ଅଣ୍ଡାର ମହତ୍ତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିଗମାନନ୍ଦ ପାଢୀ ଅଣ୍ଡାର ଗୁଣାତ୍ମକ ମାନ ଉପରେ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଗୋଳ ଟାଉନ ଉଚ୍ଚ ବିଦ୍ୟାଳୟ ଏବଂ ତୁରଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୦୦ ଛାତ୍ରୀଛାତ୍ରଙ୍କୁ ଅଣ୍ଡା, କଦଳୀ ଓ ବିସ୍କୁଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓରମାସର କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟ ଦାସ, କୃଷି ବିଭାଗ ଏପିଡି ପ୍ରଭାତି ରାମ, ସହକାରୀ ଅଧିକାରୀ ରାଟଲ ମହାକୁଡ, ଡିପିସି ଲମ୍ବୋଦର ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ। ଉପନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଶତାଧିକ ଅଗ୍ରଣୀ ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ପ୍ରାଣୀମିତ୍ର ଏବଂ ଜିଲାର ପ୍ରାଣୀ ଚିକିତ୍ସକମାନେ ଯୋଗ ଦେଇଥିଲେ।

# ଏଟିଏମ୍ ବଦଳାଇ ନେଇଗଲେ ଟଙ୍କା

ଅନୁଗୋଳ, ୧୩।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଅଁରପାଳ ଥାନା ଅଞ୍ଚଳରେ ଏଟିଏମ୍ କାର୍ଡ ବଦଳାଇ ଜଣେ ଅଜଣା ବ୍ୟକ୍ତି ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଏନେଇ ଢେଙ୍କାନାଳ ଜିଲା ବାଲମୀ ଥାନା ଅଞ୍ଚଳର ରାଜେନ୍ଦ୍ର କୁମାର ଖୁଣ୍ଟିଆ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୩୭୩/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଅଗଷ୍ଟ ୨୩ରେ ରାଜେନ୍ଦ୍ର ମହୀଧରପୁର ଅଞ୍ଚଳରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ଟଙ୍କା ଉଠାଇଥିଲେ। ଏହି ସମୟରେ ଜଣେ ଅଜଣା ବ୍ୟକ୍ତି କୌଶଳକ୍ରମେ ତାଙ୍କ ଏଟିଏମ୍‌ଟିକୁ ବଦଳାଇ ଦେଇଥିଲେ। ପରେ ଜଣେ ଅଜଣା ବ୍ୟକ୍ତି ରାଜେନ୍ଦ୍ରଙ୍କ ଆକାଉଣ୍ଟରୁ ୩୦ ହଜାର ଟଙ୍କା ଛେଳିଆପଡ଼ା ଏଟିଏମ୍‌ରୁ ଉଠାଇ ନେଇଥିବା ସେ ଥାନରେ ଲିଖିତ ଅଭିଯୋଗ କରିଛନ୍ତି।

# ଜଗତ୍‌ସିଂହପୁର, ପୁରୀ ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

ଅନୁଗୋଳ, ୧୩।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଫରେଷ୍ଟ ରେଞ୍ଜର୍ସ ତାଲିମ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ପ୍ରତିଯୋଗିତାର ୧୭ ବର୍ଷରୁ କମ୍ ବର୍ଗରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ୧୭ ବର୍ଷରୁ କମ୍ ବର୍ଷର ବାଳିକା ବିଭାଗରେ ବଲାଙ୍ଗୀର ଜିଲାକୁ ହରାଇ ଜଗତ୍‌ସିଂହପୁର ଜିଲା ଚମ୍ପିୟନ ହୋଇଛି। ସେହିଭଳି ୧୭ ବର୍ଷରୁ କମ୍ ବର୍ଷର ବାଳକ ବିଭାଗରେ ସୁନ୍ଦରଗଡ଼ ଜିଲାକୁ ହରାଇ ପୁରୀ ଚାମ୍ପିୟନ ହୋଇଛି। ଅତିଥିମାନେ ଚାମ୍ପିୟନ ଟିମ୍ ଓ ରନର୍ସଅପ୍ ଟିମକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଏହି ଫାଇନାଲ ମ୍ୟାଚ୍‌ରେ ଫରେଷ୍ଟ ରେଞ୍ଜର କଲେଜ ଅଧ୍ୟକ୍ଷ ସଂଗ୍ରାମ କେଶରୀ ବେହେରା, ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ପୂର୍ବତନ କ୍ରୀଡ଼ା ଉପନିର୍ଦ୍ଦେଶକ ଲକ୍ଷ୍ମୀପ୍ରିୟା ଦେଇ, ଗଣଶିକ୍ଷା ବିଭାଗ କ୍ରୀଡ଼ା ଉପନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭିକାରୀବନ୍ଧୁ ସାହୁ, ଅମ୍ବୁଜ କୁମାର ଗଡ଼ନାୟକ, ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କନଷ୍ଟେବଲଙ୍କ ଅକାଳ ବିୟୋଗ

ଅନୁଗୋଳ,୧୩।୧୦(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ପୋଲିସ କାର୍ଯ୍ୟାଳୟରେ କନଷ୍ଟେବଲ ଭାବେ କାର୍ଯ୍ୟରତ ରାଜେଶ ଲାଜରୁସ(୪୬)ଙ୍କ ଗୁରୁବାର ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ବଜାରରୁ ଫେରି ସକାଳେ ସେ ଘରେ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜେଶ ଜଣେ ଦକ୍ଷ ଫୁଟବଲ ଖେଳାଳି ଭାବେ ମଧ୍ୟ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଜିଲା ପୋଲିସ ଏବଂ ଫୁଟ୍‌ବଲ ଖେଳାଳିଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।



# ଜମି ଅଧିଗ୍ରହଣ ସମ୍ପର୍କିତ ଅଭିଯୋଗ ଶୁଣାଣି


ବୈଠକରେ ଅନୁଗୋଳ ଉପଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ ଓ ଗ୍ରାମବାସୀ।

ଅନୁଗୋଳ,୧୩।୧୦ (ଅମିତ କୁମାର ସାମଲ)

ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟର ପ୍ରଶସ୍ତୀକରଣ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ଉପରେ ଏକ ଅଭିଯୋଗ ଶୁଣାଣି ଏବଂ ଆଲୋଚନା ସଭା ଅନୁଗୋଳ ଉପଜିଲାପାଳଙ୍କ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି ପୌରୋହିତ୍ୟ କରିଥିଲେ। ଏଥିରେ ନାଲ୍‌କୋ କର୍ତ୍ତୃପକ୍ଷ, ନାଲ୍‌କୋର ଜମି ଅଧିଗ୍ରହଣ ଅଧିକାରୀ, ଆଇ.ଡି.ସି.ଓ ଅଧିକାରୀଙ୍କ ସହିତ ଜମି ହରାଇବାକୁ ଥିବା ଗୋପୀନାଥପୁର, କାଙ୍ଗୁଲା ଏବଂ କୁଲାଡ ଗ୍ରାମର ସମସ୍ତ ଲୋକ ଉପସ୍ଥିତ ଥିଲେ। ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ପିପି ନୋଟିସ ଜାରି ହୋଇସାରିଥିବା ବେଳେ ଫିଲ୍ଡ ସର୍ଭେ କାର୍ଯ୍ୟ ହେବାର ପ୍ରସ୍ତାବ ରହିଛି। ତେବେ ଏହା ପୂର୍ବରୁ ଜିଲା ପ୍ରଶାସନ ଓ ନାଲ୍‌କୋ ଅଧିକାରୀଙ୍କ ତରଫରୁ ପ୍ରଥମେ ଜମିହରାଙ୍କ ପରିବାର ସମ୍ପର୍କରେ ସର୍ଭେ କରାଯିବାକୁ ଦାବି କରାଯାଇଥିଲା। ୨/୩ ଦିନ ମଧ୍ୟରେ ଏ ନେଇ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହାବ୍ୟତୀତ ନାଲ୍‌କୋର ପ୍ରଥମ ପର୍ଯ୍ୟାୟ ଜମି ଅଧିଗ୍ରହଣ ବେଳେ ନିଯୁକ୍ତି ପାଇ ନ ଥିବା କ୍ଷତିଗ୍ରସ୍ତଙ୍କ ସମ୍ପର୍କରେ ଏକ ଚିଠା ପ୍ରସ୍ତୁତ କରି ଏହା ଉପରେ ପଦକ୍ଷେପ ନେବା ପାଇଁ ଆଲୋଚନା ହୋଇଥିଲା। ଏହାକୁ ମଧ୍ୟ ବିଚାର କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।

**ସଂକ୍ଷେପରେ**

## ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୩।୧୦ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବନ୍ତୁଲ ନିକଟସ୍ଥ ଅଳେଇମୁଣ୍ଡା ଗ୍ରାମର ମହିଳା ଦ୍ରୋପତୀ ବେହେରାଙ୍କୁ ସେହି ଗ୍ରାମର ଛବି ବେହେରା ମାଡ଼ ମାରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୩୧/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଦ୍ରୋପତୀ ତାଙ୍କ ଘରେ ଜାଳେଣି କାଠ ରଖିଥିବା ବେଳେ ଛବି କିଛି କାଠ ନେଇଯାଇଥିଲେ। ଦ୍ରୋପ୍ରତୀ ପ୍ରତିବାଦ ପଚାରିବାରୁ ଉତକ୍ଷିପ୍ତ ହୋଇ ଛବି ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।


ଅନୁଗୋଳସ୍ଥିତ ୟୁରୋ କିଡ୍ସ ସ୍କୁଲ ପକ୍ଷରୁ ଆୟୋଜିତ ପାଣି ବଞ୍ଚାଅ, ଭବିଷ୍ୟତ ବଞ୍ଚାଅ କାର୍ଯ୍ୟକ୍ରମରେ ଭାଗ ନେଇଥିବା କୁନି ପିଲାମାନେ।


ଅନୁଗୋଳ ସହରରେ ଜଣେ କାରିଗର ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ। (ଫଟୋ-ବୁବୁ)

# ବିଦ୍ୟାଳୟ ପୁନଃ ଖୋଲିବା ଦାବିରେ ଧାରଣା



ସାମଲମଳିହା ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଖୋଲିବା ଦାବିରେ ଅଭିଭାବକ ଓ ଗ୍ରାମବାସୀ ଧାରଣା ଦେଇଛନ୍ତି।

ଛେଣ୍ଡିପଦା,୧୩।୧୦(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତରେ ଥିବା ସାମଲମଳିହା ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଖୋଲିବା ଦାବିରେ ଅଭିଭାବକ ଓ ଗ୍ରାମବାସୀ ଶୁକ୍ରବାର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଅଭିଭାବକମାନେ କହିଛନ୍ତି, ଦୀର୍ଘ ୩ ବର୍ଷ ହେବ ଶିକ୍ଷା ବିଭାଗର ନୂତନ ନୀତି ଅନୁଯାୟୀ କମ୍ ଉପସ୍ଥାନ ଥିବା ବିଦ୍ୟାଳୟଗୁଡ଼ିକୁ ନିକଟସ୍ଥ ବିଦ୍ୟାଳୟ ଗୁଡିକରେ ମିଶ୍ରଣ ଯୋଗୁ ସାମଲମଳିହା ବିଦ୍ୟାଳୟ ଗଡ଼ମଣ୍ଡଳ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ ହୋଇଥିଲା। ଫଳରେ ଅଧିକାଂଶ ଛାତ୍ରୀଛାତ୍ର ୬ କି.ମି. ଦୂରରେ ଥିବା ଗଡ଼ମଣ୍ଡଳ ଉଚ୍ଚ ବିଦ୍ୟାଳୟକୁ ପଢିବାକୁ ଯାଇ ନ ପାରି ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ତେଣୁ ସାମଲମଳିହା ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଚାଲୁ କରିବା ପାଇଁ ଗ୍ରାମ ସଭାପତି ଗୋଲକ ବିହାରୀ ସାହୁଙ୍କ ନେତୃତ୍ୱରେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସଫଳ ନ ମିଳିବାରୁ ଏହି ଧାରଣା ଦିଆଯାଇଛି। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାକର ଗଡ଼ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଅଭିଭାବକମାନେ କଡା ଚେତାବନୀ ଦେଇଛନ୍ତି। ଏହି ଧାରଣାରେ ଗ୍ରାମ ସମ୍ପାଦକ ଲମ୍ବୋଦର ସାହୁ, କୈଳାସ ଚନ୍ଦ୍ର ପ୍ରଧାନ, ଶରତ ଚନ୍ଦ୍ର ସାହୁ, ଧନେଶ୍ୱର ସାହୁ, ପୀତାମ୍ବର ସାହୁ, କୁନା ସାହୁ, ଦିଲୀପ କୁମାର ସାହୁ, ସୁରେଶ ଚନ୍ଦ୍ର ସାହୁ,ଏସ୍ଏମ୍ସିଆଇର ନବକିଶୋର ପ୍ରଧାନ, ରଣଜିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଆନ୍ଦୋଳନ

ପାଲଲହଡା,୧୩।୧୦
(ଦିବ୍ୟଜ୍ୟୋତି ଦାଶ)

**ଦୁର୍ଘଟଣାରେ ବିଦ୍ୟୁତ୍ କର୍ମଚାରୀ ମୃତ**

ଅନୁଗୋଳ ଜିଲା ପାଲଲହଡା ସେକ୍ସନ କନ୍ତଲା ବିଦ୍ୟୁତ୍ ଷ୍ଟ୍ରକଚରରେ ଅପରେଟର ଭାବରେ କାର୍ଯ୍ୟରତ କ୍ଷୀରୋଦ କୁମାର ପ୍ରଧାନ (୩୬)ଙ୍କ ଗୁରୁବାର ରାତିରେ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଶୁକ୍ରବାର କ୍ଷତିପୂରଣ ଦାବିରେ ତାଙ୍କ ପରିବାର ଓ ଅନ୍ୟ କର୍ମଚାରୀମାନେ ମୃତଦେହ ପାଲଲହଡାସ୍ଥିତ ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ରଖି ଧାରଣା ଦେଇଥିଲେ।

ପ୍ରକାଶ ଯେ, କଣିହାଁ ବ୍ଲକ ରେଙ୍ଗାଳି ଗେଗୁଁଠିଆ ଗ୍ରାମର କ୍ଷୀରୋଦ ବି ଶିଫ୍ଟ କାର୍ଯ୍ୟ ସାରି ପାଲଲହଡାକୁ ବାଇକ୍ ଯୋଗେ ଆସୁଥିବା ସମୟରେ ୪୯ ନମ୍ବର ଜାତୀୟ ରାଜପଥର କନ୍ତଲା ନିକଟରେ ଭାରସାମ୍ୟ ହରାଇ ପଡିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପାଲଲହଡା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ନଂ. ୨୯୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ପରିବାର ଲୋକେ ଓ ବିଦ୍ୟୁତ୍ କର୍ମଚାରୀମାନେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିକରି ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ରଖି ଧାରଣାରେ ବସିଥିଲେ। ପାଲଲହଡା ବିଦ୍ୟୁତ୍ ବିଭାଗ ଅଧିକାରୀ ଶୈଳେଶ ରଞ୍ଜନ ପଟେଲ କହିଛନ୍ତି, ମୃତ କର୍ମଚାରୀ ଅନ୍ୟ ଏକ ଠିକା ସଂସ୍ଥାର ହୋଇଥିବାରୁ ଉକ୍ତ ଠିକା ସଂସ୍ଥା ସହ ଯୋଗାଯୋଗ କରାଯାଇଛି। ଖୁବ୍ଶୀଘ୍ର ସମସ୍ୟାର ସମାଧାନ କରାଯିବ। ଖବର ଲେଖାହେବା ପର୍ଯ୍ୟନ୍ତ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି କର୍ମଚାରୀମାନେ ଧାରଣା ଜାରି ରଖିଛନ୍ତି।


ମୃତକଙ୍କ ପରିବାର ଓ ସାଥୀ କର୍ମଚାରୀମାନେ କ୍ଷତିପୂରଣ ଦାବିରେ ଧାରଣା ଦେଇଛନ୍ତି।

# ସୁରଟରୁ ଗାଁକୁ ଆସିଲା ମୃତଦେହ

ଖମାର,୧୩।୧୦ (ରଜନୀକାନ୍ତ ମହାରଣା)

**ଗରିବ ପରିବାରକୁ ସରକାରୀ ସହାୟତା ଦାବି**

ପେଟ ପାଟଣା ପାଇଁ ଭିଟାମାଟି ଛାଡି ସୁରଟର ଏକ ହୋଟେଲରେ କାମ କରୁଥିବା ଅନୁଗୋଳ ଜିଲା ପାଲଲହଡା ବ୍ଲକ ଖମାର ଥାନା ରେଙ୍ଗାଲମୁଣ୍ଡା ଝାରକିଲିଣ୍ଡା ଗ୍ରାମର ଚୈତନ୍ୟ କିଷାନଙ୍କ ଗତ ୯ ତାରିଖରେ ମୃତ୍ୟୁ ଘଟିଛି। ଏହି ଖବର ମିଳିବା ପରେ ଚୈତନ୍ୟଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ହୋଟେଲ ମାଲିକଙ୍କ ପକ୍ଷରୁ ପଠାଯାଇଥିବା ଚୈତନ୍ୟଙ୍କ ମୃତଦେହ ଶୁକ୍ରବାର ତାଙ୍କ ଗାଁ ଝାରକିଲିଣ୍ଡାରେ ପହଞ୍ଚିଛି। ଚୈତନ୍ୟ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ଏବେ ବୃଦ୍ଧ ମାତାପିତା, ସ୍ତ୍ରୀ ଓ ୪ ପିଲା କେମିତି ଚଳିବେ ସେ ନେଇ ପରିବାରର ଚିନ୍ତା ବଢ଼ିଯାଇଛି। ମୃତକଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାମାଜିକ କର୍ମୀ ଦୁଃଖବନ୍ଧୁ ବିଶ୍ୱାଳ ଦାବି କରିଛନ୍ତି। ମୃତକଙ୍କ ପରିବାର ଲୋକେ କହିଛନ୍ତି, କିଛିଦିନ ହେବ ଚୈତନ୍ୟଙ୍କ ଦେହ ଖରାପ ଥିଲା। ହୋଟେଲ ମାଲିକ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଚୈତନ୍ୟଙ୍କ ମୃତ୍ୟୁ ହୋଇଥିଲା। ହୋଟେଲ ମାଲିକ ମୃତଦେହ ପଠାଇବା ସହ ୫ ହଜାର ଟଙ୍କାର ସହାୟତା ଦେଇଛନ୍ତି।

# ଶିକ୍ଷୟିତ୍ରୀ ଶିକ୍ଷକମାନେ ଯତ୍ନବାନ ହୁଅନ୍ତୁ

କାମାକ୍ଷାନଗର,୧୩।୧୦
(ସୁଧୀର କୁମାର ପରିଡ଼ା)



କାର୍ଯ୍ୟକ୍ରମରେ କୁନି କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଢେଙ୍କାନାଳ ଜିଲା କାମାକ୍ଷାନଗର ପ୍ରେକ୍ଷାଳୟ ଭବନ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭ଟି କ୍ଲଷ୍ଟରର ପ୍ରାୟ ୪୫୦ ଛାତ୍ରୀଛାତ୍ର ୧୫ଟି ବିଭାଗରେ ଭାଗ ନେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ବିଦ୍ୟାଳୟ ମଣିଷ ତିଆରି କାରଖାନା ହୋଇଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ମଲ୍ଲିକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ପାଣ୍ଡିଆ ପ୍ରମୁଖ ସମ୍ମାନିତ ଅତିଥି ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲେ। ଉଦ୍ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ ମୁଖ୍ୟଅତିଥି, ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି ମୁଖ୍ୟବକ୍ତା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ,ସାରଙ୍ଗଧର ହାଇସ୍କୁଲର ପ୍ରଧାନଶିକ୍ଷକ ଜଗବନ୍ଧୁ ଜେନା, ଆଦର୍ଶ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ଭୋଇ, ଗଣେଶ୍ୱର ବେହେରା, ଅମ୍ବିକା ସାହୁ ସହଯୋଗ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ ଓ ବିମଳ ପରିଡା ସଂଯୋଜନା କରିଥିଲେ।

# ବଉଳିଗଡ଼ରେ ଜନ ସମ୍ପର୍କ ପଦଯାତ୍ରା

ଅନୁଗୋଳ,୧୩।୧୦
(ଅମିତ କୁମାର ସାମଲ)

ଅନୁଗୋଳ ନିର୍ବାଚନମଣ୍ଡଳୀ ଅଧୀନ ବଁଅରପାଳ ବ୍ଲକର ବଉଳିଗଡ଼ ପଞ୍ଚାୟତ, ଅନୁଗୋଳ ପୌରପାଳିକାର ୱାର୍ଡ ନଂ ୧୨,୧୪ ଓ ୧୫ ଠାରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ଜନ କଲ୍ୟାଣକାରୀ ଯୋଜନା ଏବଂ ନବୀନ ଓଡ଼ିଶାର ବିକାଶର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ହେଉଛି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ। ଏଥିସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ସମସ୍ୟାର ଉଚିତ ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ଜିଲା ବିଜେଡି ସହ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ କୁନ ବିହାରୀ ଦାସ, ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ସୁବାସ ପଟ୍ଟନାୟକ, ନିର୍ମଳ ଗଡ଼ନାୟକ, କାଉନସିଲର ସଦା ପଣ୍ଡା, ଜିଲା ପରିଷଦ ସଦସ୍ୟ ଗୋପାଳ ନାଏକ, କାଉନସିଲର ରଞ୍ଜିତ ମାଣ୍ଡୋଠିଆ, ନଗର ଯୁବ ସଭାପତି ବିଶ୍ୱରଞ୍ଜନ ସାହୁ, ନଗର ମହିଳା ସଭାନେତ୍ରୀ ମାଳିନୀ ସର, ଜିଲା ମହିଳା ବିଜେଡି ସମ୍ପାଦକ ରିତା ସିଂହ, ସରପଞ୍ଚ ଅମରେନ୍ଦ୍ର ଗଡ଼ନାୟକ, ସମିତି ସଭ୍ୟ ପ୍ରତାପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଉଳିଗଡ଼ଠାରେ ଜନସମ୍ପର୍କ ପଦଯାତ୍ରା ଅବସରରେ ଭାଜପା ଓ କଂଗ୍ରେସ ଦଳ ପରିତ୍ୟାଗ କରିଥିବା ମଳୟ ଗଡନାୟକ, ଅଳୟ ଗଡ଼ନାୟକ, ହରୀନ୍ଦ୍ର ଗଡ଼ନାୟକ, କିଶୋର ମହାନ୍ତି, ସଂଗ୍ରାମ ଦାଣ୍ଡିଆ ଓ କୁନା ବାରିକ ପ୍ରମୁଖ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ।

# ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋକପାତ

ବଇଣ୍ଡା,୧୩।୧୦(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ସରକାରୀ ଉ. ପ୍ରା. ବିଦ୍ୟାଳୟ କଦଳୀମୁଣ୍ଡାଠାରେ କିଶୋର ସାହିତ୍ୟ ସଂସଦ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୬ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରମଣି ରଞ୍ଜନ ସାହୁ ଅତିଥି ପରିଚୟ ଦେଇଥିଲେ। କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରାହାସ ବିହାରୀ ନାୟକ ମୁଖ୍ୟ ଅତିଥି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ କିଶୋରନଗର ପ୍ରଶିକ୍ଷଣ ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ଅନ୍ୟତମ ଅତିଥି ଭାବେ ସରପଞ୍ଚ ସୁଶାନ୍ତ ସେଠୀ, ପ୍ରଧାନ ଶିକ୍ଷକ ସୁଶାନ୍ତ ପ୍ରଧାନ, ପବିତ୍ରମୋହନ ପ୍ରଧାନ, ରବିନାରାୟଣ ନାୟକ, ରଞ୍ଜିତ ସାହୁ, କିଶୋର ବିଶ୍ୱାଳ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଜୟନ୍ତୀ ପାଳନର ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲା ବେଳେ ଗୌରଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବ୍ରାହ୍ମଣୀପାଲି ଗ୍ରାମରେ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷକ ଚିତ୍ତରଞ୍ଜନ ମେଣ୍ଡୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ ତୀର୍ଥବାସୀ ଭୋଇ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।



ଗୋପବନ୍ଧୁଙ୍କ ଜୟନ୍ତୀ ପାଳନ କରାଯାଇଛି।

# ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା,୧୩।୧୦
(ପରିକ୍ଷିତ ସାହୁ)

ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏଥିସହ ୩ ଜଣଙ୍କୁ ଗିରଫ କରାଯାଇଛି। ଧଡରପାଳ ଗ୍ରାମରେ ଚଢ଼ାଉ କରାଯାଇ ବନବାସୀ ସେଠୀଙ୍କ ଘରୁ ୧୮ ଲିଟର, ସୁଶୀଳା ସେଠୀଙ୍କ ଘରୁ ୧୫ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ସେହିପରି ପଦ୍ମପୁର ଗ୍ରାମରେ ଚଢ଼ାଉ କରାଯାଇ ତାପସ ରଞ୍ଜନ ସ୍ୱାଇଁଙ୍କ ଦୋକାନରୁ ୪ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଛି। ଏମାନେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପ ନିରୀକ୍ଷକ ରଞ୍ଜିତା ହରିଚନ୍ଦନ ପ୍ରମୁଖ ଚଢ଼ାଉ କରିଥିଲେ।

# ଅନୁଗୋଳର ବିକାଶକୁ ଅଣଦେଖା କରାଯାଉଛି


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

ଅନୁଗୋଳ,୧୩।୧୦
(ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ବିକାଶ ତଥା ଗମନାଗମନ ସୁବିଧା ପ୍ରତି ରାଜ୍ୟ ସରକାର ଆଖି ବୁଜି ଦେଇଥିବା ଭଳି ଜଣାପଡୁଛି ବୋଲି ଶୁକ୍ରବାର ଭାଜପା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ପ୍ରଧାନ କହିଛନ୍ତି, କଣିହାଁ ବ୍ଲକ ରେଙ୍ଗାଳି ଠାରେ ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ସେତୁ କାମ ସରିନାହିଁ। ପ୍ରସ୍ତାବିତ ତାଳଚେର-ଖାଲପାଳ ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ବଡକେରା-ଆଠଗଡ ରାଜ୍ୟ ରାଜପଥ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଖଣି ସମୃଦ୍ଧ ଅଞ୍ଚଳ ଅନୁଗୋଳରୁ ପ୍ରଚୁର ରାଜସ୍ୱ ଆଦାୟ କରୁଥିଲେ ମଧ୍ୟ ରାଜ୍ୟ ସରକାର ବିକାଶ ପାଇଁ ଦୃଷ୍ଟି ଦେଉନାହାନ୍ତି। କଟକ-ଅନୁଗୋଳ-ସମ୍ବଲପୁର ରାଜପଥ କାର୍ଯ୍ୟ ଦ୍ରୁତ ଗତିରେ ତ୍ୱରାନ୍ୱିତ ହେଉଛି। କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତୀନ ଗଡକରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ବିଷୟରେ ବାରମ୍ବାର ଆଲୋଚନା କରୁଛନ୍ତି। ଚିଠି ଲେଖୁଛନ୍ତି। ଭୁବନେଶ୍ୱରରେ ଏନଏଚଏଆଇ ଅଧିକାରୀଙ୍କୁ ଭେଟି ସମୀକ୍ଷା କରିଛନ୍ତି। କେନ୍ଦ୍ର ସରକାରଙ୍କୁ ସହଯୋଗ କରିବା ଜାଗାରେ ରାଜ୍ୟ ସରକାର କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାରୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ହେଉଛି ବୋଲି ଭାଜପା ନେତା ପ୍ରଧାନ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଯଯାତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

